## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଭୁବନେଶ୍ୱର,(ବ୍ୟୁରୋ):** ନୂଆବର୍ଷର ପ୍ରଥମ ଦିନରେ ସଡ଼କ ଦୁର୍ଘଟଣାରେ ଭୁବନେଶ୍ୱରରେ ଜଣଙ୍କ ଜୀବନ ଯାଇଛି। ଶୁକ୍ରବାର ଶହୀଦନଗର ଥାନା ଅନ୍ତର୍ଗତ ଆଚାର୍ଯ୍ୟବିହାର ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ମୃତକ ହେଲେ ଓଲ୍ଡଟାଉନ୍ ଅଞ୍ଚଳର କାହ୍ନୁଚରଣ ବେହେରା। କାହ୍ନୁ ବାଇକ ନେଇ ଜୟଦେବବିହାର ପଟୁ ଆସୁଥିବାବେଳେ ଆଚାର୍ଯ୍ୟ ବିହାର ଓଭରବ୍ରିଜ ନିକଟରେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ଖବର ଲେଖା ହେବାବେଳକୁ ଏନେଇ ଥାନାରେ କୌଣସି ମାମଲା ହୋଇ ନ ଥିବା ସୂଚନା ମିଳିଛି।

## ଆଜି ବିଦାୟ ନେବେ ଜଷ୍ଟିସ ମହମ୍ମଦ ରଫିକ୍

**କଟକ ଅଫିସ,୧।୧:** ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍‌ଙ୍କୁ ଶନିବାର ବିଦାୟୀ ସମ୍ବର୍ଦ୍ଧନା ଦିଆଯିବ। ପୂର୍ବାହ୍ନ ୧୧ଟାରେ ଭର୍ଚୁଆଲ ମୋଡ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର ଏଲ୍. କେ. ଦାସ ଏକ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହାପରେ ଜଷ୍ଟିସ ରଫିକ୍ ଆସନ୍ତା ୪ରେ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କରିବେ। ସେ ୨୦୨୦ ଏପ୍ରିଲ ୨୭ରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। କରୋନା ସମୟରେ ହାଇକୋର୍ଟରେ ଦାୟିତ୍ୱ ନେଇ ଥିବାରୁ ତାଙ୍କର ସମସ୍ତ ଶୁଣାଣି ଭର୍ଚୁଆଲ ମୋଡ୍‌ରେ ହୋଇଥିଲା। ପ୍ରାୟ ୮ମାସ କାର୍ଯ୍ୟକାଳ ମଧ୍ୟରେ ସେ କରୋନା ରୋଗୀଙ୍କ ତଥ୍ୟ ଗୋପନୀୟ ରଖିବା, ରଥଯାତ୍ରା ବିବାଦୀୟ ଥିବାବେଳେ ରଥ ନିର୍ମାଣ କାର୍ଯ୍ୟ ଚାଲୁ ରଖିବା, ପାର୍ବଣରେ ମୂର୍ତ୍ତି ଉଚ୍ଚତାକୁ ନେଇ ବିବାଦ, ସ୍କୁଲ ଫି' ପ୍ରସଙ୍ଗ, ପୁରୀ ହାଜତ ମୃତ୍ୟୁ ମାମଲା, ପରୀ ହତ୍ୟା ମାମଲାରେ ଏସ୍‌ଆଇଟିକୁ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ ଭଳି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରିଥିଲେ।

# ୫୦ରୁ ଊର୍ଦ୍ଧ୍ୱ ଅମାନିଆ ଜରିମାନା ଗଣିଲେ

■ରାଜଧାନୀରେ ଡବଲ ହେଲ୍‌ମେଟ୍ ଚେକିଂ
■ଶନିବାରଠାରୁ ଚେକିଂ କଡ଼ାକଡ଼ି

ଭୁବନେଶ୍ୱର,୧।୧(ବ୍ୟୁରୋ)



କିଛିଦିନର ନିସ୍ତାର ଓ ସଚେତନତା ପରେ ଜାନୁୟାରୀ ୧ରୁ ଡବଲ ହେଲମେଟ୍ ଚେକିଂ ଆରମ୍ଭ ହୋଇଛି। ବାଇକ ଚଲାଇବା ସମୟରେ ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏନେଇ ଶୁକ୍ରବାର ରାଜଧାନୀର ବିଭିନ୍ନ ସ୍ଥାନରେ ହେଲ୍‌ମେଟ୍ ଚେକିଂ କରାଯାଇଥିଲା। ଚେକିଂ ସମୟରେ ୫୦ରୁ ଊର୍ଦ୍ଧ୍ୱ ଅମାନିଆ ପୋଲିସ ହାତରେ ଧରାପଡିଥିଲେ। ନୂତନ ମୋଟର ଯାନ ନିୟମ ଅନୁଯାୟୀ, ସେମାନଙ୍କ ନିକଟରୁ ୧୦୦୦ ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯାଇଥଲା। ତେବେ ପ୍ରଥମ ଦିନରେ ଚେକିଂ ସାମାନ୍ୟ କୋହଳ କରାଯାଇଥିବାବେଳେ ଲୋକଙ୍କୁ ସଚେତନ କରାଯାଇଥିଲା। ଶନିବାରଠାରୁ ଡବଲ ହେଲ୍‌ମେଟ୍ ଚେକିଂ କଡାକଡି କରାଯିବ ବୋଲି ଟ୍ରାଫିକ ପୋଲିସ ପକ୍ଷରୁ କୁହାଯାଇଛି। ପୂର୍ବରୁ କେବଳ ଗାଡି ଚାଳକଙ୍କ ପାଇଁ ହେଲ୍‌ମେଟ୍ ବାଧ୍ୟତାମୂଳକ ଥିବାବେଳେ କିଛିମାସ ତଳେ ଉଭୟ ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ହେଲ୍‌ମେଟ୍ ପିନ୍ଧିବା ପାଇଁ ପରିବହନ ବିଭାଗ ପକ୍ଷରୁ ବାଧ୍ୟତାମୂଳକ କରାଯାଇଥିଲା। ଜାନୁୟାରୀ ୧ରୁ ଏହି ନିୟମ କଡାକଡି ପାଇଁ ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ଏହି ନିୟମ ଲାଗୁ କରାଯିବା ପରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉଭୟ ହେଲ୍‌ମେଟ୍ ପିନ୍ଧି ନ ଥିଲେ ଜରିମାନା ସହ ସାମୟିକ ସମୟ ପାଇଁ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବ। କରୋନା ପାଇଁ ଗାଡି ଲାଇସେନ୍ସ ଓ ଅନ୍ୟାନ୍ୟ କାଗଜ ପତ୍ରରେ ବିଳମ୍ବ ହେଉଥିବାରୁ ପରିବହନ ବିଭାଗ ପକ୍ଷରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମୟ ବୃଦ୍ଧି କରାଯାଇଛି। ହେଲେ ଏହା ମଧ୍ୟରେ ଯେଉଁ ବ୍ୟକ୍ତି ହେଲ୍‌ମେଟ୍ ନ ପିନ୍ଧି ଗାଡି ଚଳାଉଥିବା ସମୟରେ ଧରାପଡିବେ ସେମାନଙ୍କ କାଗଜପତ୍ର ଯାଞ୍ଚ କରାଯିବ। କାଗଜପତ୍ର ନ ଥିଲେ ସେହି ଅନୁଯାୟୀ ଜରିମାନା ଲାଗୁ କରାଯିବ। ତେବେ ନିଶାସକ୍ତ ବ୍ୟକ୍ତି ଯଦି ଗାଡି ଚଲାଇବା ସମୟରେ ଧରାପଡେ ତାଙ୍କର ସମସ୍ତ କାଗଜପତ୍ର ଥିଲେ ମଧ୍ୟ ତାଙ୍କୁ ଜେଲ ପଠାଯିବ ବୋଲି ଟ୍ରାଫିକ ପୋଲିସ ସୂଚନା ଦେଇଛି।



ଭୁବନେଶ୍ୱରସ୍ଥିତ ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ଗୌରଚନ୍ଦ୍ର ମହାପାତ୍ରଙ୍କୁ ଶୁକ୍ରବାର ସିକ୍ୟୁର ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ କରୋନା ଯୋଦ୍ଧା ଭାବେ କଳିଙ୍ଗ ବୀର ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଉଛି।

## କୃଷକ ଆନ୍ଦୋଳନକୁ ସମର୍ଥନ କରି ଗଣଶପଥ

**କଟକ ଅଫିସ, ୧।୧:** କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ କଟକ କଲେଜ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗଣଶପଥ ଓ ଧାରଣା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୃଷି ଆଇନ, ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ସଂଶୋଧନ ଓ ଘରୋଇ ମଣ୍ଡି ଆଇନ, ବିଦ୍ୟୁତ୍ ବିଲ୍ ଆଇନ ସମ୍ପୂର୍ଣ୍ଣ ବାତିଲ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ପ୍ରତିବାଦକାରୀମାନେ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବାମପନ୍ଥୀ ନେତା ରବିନାରାୟଣ ମଲ୍ଲିକ ଶପଥ ଗ୍ରହଣ କରାଇଥିଲେ। ଏଥିରେ ବିଶ୍ୱାବସୁ ଦାସ, ଅମରେନ୍ଦୁ ମହାନ୍ତି, ଖଗେଶ୍ୱର ସେଠୀ, ବସନ୍ତ ନାୟକ, ପ୍ରତାପ ମହାପାତ୍ର, ରାଜକିଶୋର ମଲ୍ଲିକ, ଚନ୍ଦ୍ରକାନ୍ତ ବେହେରା, ନିର୍ମଳ ଦାସ, ସିଦ୍ଧାର୍ଥ ରଥ ଓ ଭାଗ୍ୟରବି ଦାସ ପ୍ରମୁଖ ଯୋଗଦେଇଥିଲେ।

## ଚକ୍ଷୁ ଚିକିତ୍ସା ଶିବିର

**ଚୌଦ୍ୱାର, ୧।୧(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ଅଧୀନ ଓଟିଏମ୍ ଲାଇନିସ୍ଥିତ ସତ୍ୟ ନାରାୟଣ ମନ୍ଦିର ପରିସରରେ ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୨୧୨ ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବାବେଳେ ସେଥିମଧ୍ୟରୁ ୪୭ଜଣଙ୍କ ଚକ୍ଷୁରେ ଅସ୍ତ୍ରୋପଚାର ପାଇଁ ଚଣ୍ଡିଖୋଲସ୍ଥିତ ସାଇ ନେତ୍ରମନ୍ଦିର ଚକ୍ଷୁ ଚିକିତ୍ସାଳୟକୁ ନିଆଯାଇଥିଲା।

## ରାଜସ୍ୱ ପର୍ଷଦର ଭିଡିଓ କନ୍‌ଫରେନ୍ସ ହଲ୍ ଉଦ୍‌ଘାଟିତ

କଟକ ଅଫିସ, ୧।୧

ରାଜସ୍ୱ ପର୍ଷଦ କାର୍ଯ୍ୟାଳୟର ପଞ୍ଚମ ମହଲାଠାରେ ନୂତନ ଭିଡିଓ କନଫରେନ୍ସ ହଲ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ରାଜସ୍ୱ ପର୍ଷଦ ସଦସ୍ୟ ସି.ଜେ. ଭେନୁଗୋପାଲ ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଥିବାବେଳେ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଫିତା କାଟିଥିଲେ। ସଦସ୍ୟ ଭେନୁଗୋପାଲ କହିଥିଲେ, କରୋନା ପରିସ୍ଥିତିରେ ସାମାଜିକ ଦୂରତା ରକ୍ଷା କରି ସରକାରୀ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ଭିଡିଓ କନ୍‌ଫରେନ୍ସ ଏକ ପ୍ରମୁଖ ମାଧ୍ୟମ ହୋଇଛି। ଏହି ଉତ୍ସବରେ ଦିଲ୍ଲୀରୁ ନ୍ୟାଶନାଲ ଇନଫର୍‌ମେଟିକ ସେଣ୍ଟର(ଏନ୍‌ଆଇସି)ର ଉପମହାନିର୍ଦ୍ଦେଶକ ସାଲିନୀ ମାଥ୍ରାନୀ ଏବଂ ଭୁବନେଶ୍ୱରରୁ ଏନ୍‌ଆଇସିର ଉପ ମହାନିର୍ଦ୍ଦେଶକ କବିତା ରୟଦାସ ଏନ୍‌ଆଇସି ପକ୍ଷରୁ ସମସ୍ତ ବୈଷୟିକ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ପର୍ଷଦ ଅର୍ଥ ପରାମର୍ଶଦାତା ସୁବ୍ରତ ଶତପଥୀ, ଅତିରିକ୍ତ ସଚିବ ନିହାର ରଞ୍ଜନ ଦାଶ, ଅଭିରାମ କେରକେଟା, ଅମ୍ବିକା ମହାନ୍ତି ଓ ଯୁଗ୍ମ ସଚିବ ବିନୋଦିନୀ ପଣ୍ଡା ଉପସ୍ଥିତ ଥିଲେ।

## କଳ୍ପତରୁ ଉତ୍ସବ

କଟକ ଅଫିସ, ୧।୧

ରାମକୃଷ୍ଣ ପରମହଂସ ଦେବଙ୍କ କଳ୍ପତରୁ ଉତ୍ସବ କଟକ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟିରରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସଦସ୍ୟ ସୁବାସ ସିଂ ମୁଖ୍ୟଅତିଥି, କୁଟିରର ସ୍ଥାୟୀ ସଭାପତି ପଦ୍ମନାଭ ସାମଲଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ।




# ୪୦ କୋଟିପତି ସରକାରୀ ବାବୁଙ୍କୁ ବାନ୍ଧିଛି ଭିଜିଲାନ୍ସ

### ୨୦୨୦ ବାର୍ଷିକ ରିପୋର୍ଟ

**ଭୁବନେଶ୍ୱର,୧।୧(ବ୍ୟୁରୋ):** ରାଜ୍ୟରେ ବରିଷ୍ଠ ସରକାରୀ ଅଧିକାରୀମାନେ ଅଧିକ ଅନୈତିକ କାରବାରରେ ଲିପ୍ତ ରହିବା ସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରୁଛନ୍ତି। ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ପ୍ରକାଶିତ ରିପୋର୍ଟ-୨୦୨୦ ଏକଥା କହୁଛି। ଉକ୍ତ ବର୍ଷ ଭିଜିଲାନ୍ସ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଲାଞ୍ଚୁଆ ଅଧିକାରୀ ଓ କର୍ମଚାରୀ ସମସ୍ତଙ୍କ ନାକରେ ପାଣି ପୂରାଇଛି। ରାଜ୍ୟ ତଥା ସାରା ଦେଶରେ ଚଢାଉ କରି ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଜବତ କରିବା ସହ କୋଟିପତି ବାବୁଙ୍କୁ ଗିରଫ କରିଛି। ୩୮୧ଜଣଙ୍କ ବିରୋଧରେ ୨୪୫ ଆପରାଧିକ ମାମଲା ରୁଜୁ ହୋଇଛି। ଏମାନଙ୍କ ମଧ୍ୟରେ ୫୩ ପ୍ରଥମ ଶ୍ରେଣୀ ଓ ୩୭ ଦ୍ୱିତୀୟ ଶ୍ରେଣୀ ଅଫିସର ଥିବାବେଳେ ୧୩୮ଜଣ ତୃତୀୟ, ୫ଜଣ ଚତୁର୍ଥଶ୍ରେଣୀ, ୨୬ଜଣ ଅନ୍ୟ ତଳିଆ କର୍ମଚାରୀ ଓ ୭୬ଜଣ ବେସରକାରୀ କର୍ମଚାରୀ ରହିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୯୩ ସରକାରୀ କର୍ମଚାରୀ ଓ ୪୫ ବେସରକାରୀ କର୍ମଚାରୀଙ୍କୁ ଭିଜିଲାନ୍ସ ବାନ୍ଧିଛି। ସରକାରୀ କର୍ମଚାରୀଙ୍କ ନିକଟରୁ ପ୍ରାୟ ୧୨୩କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ନଗଦ ଟଙ୍କା ଓ ସମ୍ପତ୍ତି ଜବତ ହୋଇଛି। ୩୬ଟି ମାମଲାରେ କୋଟିଏରୁ ଊର୍ଦ୍ଧ୍ୱ ଓ ୪ ମାମଲାରେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ରହିଛି। ଏଥିରେ ୨୪ଜଣ ପ୍ରଥମ ଶ୍ରେଣୀ ଓ ୧୯ଜଣ ଦ୍ୱିତୀୟ ଶ୍ରେଣୀ ଅଫିସର ରହିଛନ୍ତି। ଆଇଏଫ୍‌ଏସ୍ ଅଫିସର ଅଭୟ ପାଠକଙ୍କ ନିକଟରୁ ସର୍ବାଧିକ ୯.୩୫ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ କରାଯାଇଥିବାବେଳେ ଚଢ଼ାଉ ଅଭିଯାନରେ ରାଜ୍ୟ ଭିଜିଲାନ୍ସର ରେକର୍ଡ ସଂଖ୍ୟକ ୧୫୦ଜଣ ସାମିଲ ଥିଲେ। ଜନସାଧାରଣଙ୍କ(ସରକାରୀ) ଅର୍ଥ ଆତ୍ମସାତ୍ ସଂକ୍ରାନ୍ତ ୪୯ ମାମଲାରେ ୧୨୮ଜଣ ଗିରଫ ହୋଇଥିବାବେଳେ ୯୯ଜଣ ସରକାରୀ ଓ ୨୯ଜଣ ବେସରକାରୀ କର୍ମଚାରୀ ଅଛନ୍ତି। ୨୦ପ୍ରଥମ ଶ୍ରେଣୀ, ୨ଜଣ ଦ୍ୱିତୀୟ ଶ୍ରେଣୀ ଅଫିସର, ୬୦ ତୃତୀୟ ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ, ୧୬ଜଣ ଅନ୍ୟକର୍ମଚାରୀ ଓ ୨୯ଜଣ ବେସରକାରୀ କର୍ମଚାରୀଙ୍କ ନାଁରେ ୧୫.୮୩ କୋଟି ଟଙ୍କାର ଆତ୍ମସାତ୍ ଅଭିଯୋଗ ରହିଛି। ସେହିଭଳି ଟଙ୍କା ଧରି ଯାଉଥିବା ୮ ସରକାରୀ ଅଧିକାରୀଙ୍କୁ ରାସ୍ତାରୁ ଧରିଥିଲା ଭିଜିଲାନ୍ସ।

ଭିଜିଲାନ୍ସର ଫରେଷ୍ଟ ୱିଙ୍ଗ ପକ୍ଷରୁ ୯୬ ସ୍ଥାନରେ ଚଢ଼ାଉ କରାଯାଇ ୩.୨୫ କୋଟି ଟଙ୍କାର ସାମଗ୍ରୀ ଜବତ ସହ ୧୭ ଜଣଙ୍କୁ ଗିରଫ କରାଯାଇଥିଲା। ଗତବର୍ଷ ବିଭିନ୍ନ ଜାଲିଆତି ମାମଲାରେ ୩୬ ପ୍ରଥମ ଶ୍ରେଣୀ ଓ ୧୪୯ ଦ୍ୱିତୀୟ ଶ୍ରେଣୀ ଅଫିସରଙ୍କ ସମେତ ୨୨୧ଜଣଙ୍କ ବିପକ୍ଷରେ ଇନ୍‌କ୍ୱାରୀ କରାଯାଇଥିଲା। ଏଥିସହିତ ୨୦୪ ଜଣଙ୍କ ବିରୋଧରେ ୧୫୩ ମାମଲାରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା।

### ଲାଞ୍ଚ ନେଇ ଫସିଲେ ୧୧୩

ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଜାଲରେ ୧୦୩ ସରକାରୀ ଓ ୨ ବେସରକାରୀ କର୍ମଚାରୀ ଫସିଥିଲେ। ଏମାନଙ୍କ ମଧ୍ୟରେ ୯ ପ୍ରଥମ ଶ୍ରେଣୀ, ୧୬ ଦ୍ୱିତୀୟ ଶ୍ରେଣୀ ଅଫିସର, ୮୦ ତୃତୀୟ ଓ ୪ ଚତୁର୍ଥ ଶ୍ରେଣୀ କର୍ମଚାରୀ ଥିଲେ। ସେମାନଙ୍କଠାରୁ ମୋଟ ୧୬ ଲକ୍ଷ ଟଙ୍କା ଜବତ କରିଥିଲା। କେବଳ ୫ ମାମଲାରେ ଲାଞ୍ଚ ପରିମାଣ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଥିଲା।

### ୧୮୭ ଗିରଫ, ୧୫ ଜଣ ଚାକିରିରୁ ବହିଷ୍କୃତ

ଲାଞ୍ଚ, ଆୟ ବହିର୍ଭୂତ ସମ୍ପତ୍ତି, ସରକାରୀ ଟଙ୍କା ଆତ୍ମସାତ୍ ଆଦି ମାମଲାରେ ଭିଜିଲାନ୍ସ ଗତବର୍ଷ ୩୪ ପ୍ରଥମ ଓ ୨୮ ଦ୍ୱିତୀୟ ଶ୍ରେଣୀ ଅଫିସରଙ୍କ ସମେତ ୧୮୭ ଜଣଙ୍କୁ ଗିରଫ କରିଥିଲା। ଦୋଷୀସାବ୍ୟସ୍ତ ହୋଇଥିବା ୧୬ଜଣଙ୍କୁ ସରକାରୀ ଚାକିରିରୁ ବିଦା କରାଯାଇଥିଲା। ୧୬ଜଣ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନସନ୍ ମଧ୍ୟ ବନ୍ଦ କରାଯାଇଥିଲା।
























## ପତିତପାବନ ଦର୍ଶନ କଲେ ଉନ୍ନୟନ କମିଶନର

**ପୁରୀ ଅଫିସ,୧।୧:** ନୂତନ ଉନ୍ନୟନ କମିଶନର ପ୍ରଦୀପ ଜେନା ଶୁକ୍ରବାର ପୁରୀ ଗସ୍ତରେ ଆସି ପତିତପାବନଙ୍କ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ଥିବାରୁ ସେ ସିଂହଦ୍ୱାର ସମ୍ମୁଖରେ ପତିତପାବନଙ୍କ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ। ସେବାୟତମାନେ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରିଥିଲେ। ଏହି ଅବସରରେ ସେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ବିକାଶମୂଳକ କାର୍ଯ୍ୟର ସଫଳ ରୂପାୟନ ଲାଗି ସମସ୍ତଙ୍କ ସହଯୋଗ କାମନ କରିଥିଲେ।

**ପ୍ରାଣୀଙ୍କ ସୁରକ୍ଷା ପାଇଁ ଲଗାଯାଉଛି ରେଡିୟମ ବେଲ୍ଟ**

ପିପିଲି, (ସ୍ୱ.ପ୍ର.): ପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ଆଗେଇ ଆସିଛି ପ୍ରାରମ୍ଭ ଭାରତ ସାମାଜିକ ଅନୁଷ୍ଠାନ। ରାସ୍ତାରେ ଚରାବୁଲା କରୁଥିବା ପ୍ରାଣୀଙ୍କ ବେକରେ ରେଡିୟମ ବେଲ୍ଟ ଏକମାସ ଧରି ଅନୁଷ୍ଠାନ ପକ୍ଷରୁ ଲଗାଯାଉଛି। ରାତିରେ ଗାଡି ଯାତାୟାତ ବେଳେ ଏହି ବେଲ୍ଟ ଠିକ୍ ଭାବେ ଦୃଶ୍ୟମାନ ହେଉଥିବାରୁ ହିତକାରକ ହେବ ବୋଲି ଅନୁଷ୍ଠାନର ଉପଦେଷ୍ଟା ଗଦାଧର ସାହୁ କହିଛନ୍ତି। ପୁଷ୍ପିତା ପ୍ରିୟଦର୍ଶିନୀ, ହିମାଂଶୁ ଶେଖର ମହାନ୍ତିଙ୍କ ନେତୃତ୍ୱରେ ସଭ୍ୟ ପ୍ରିୟବ୍ରତ ଆଚାର୍ଯ୍ୟ, ଦୁର୍ଗା ରାଉତରାୟ, କିରଣ ନନ୍ଦ, ସ୍ନେହାଶିଷ୍ ସାହୁ, ଦେବାଶିଷ ସାହୁ, ସୁମିତ ରଣାଙ୍କ ସହଯୋଗରେ କାର୍ଯ୍ୟ ଜାରି ରହିଛି।



# ଦିନକୁ ୧୭ ହଜାର ଭକ୍ତଙ୍କୁ ମିଳିପାରେ ସୁଯୋଗ

**ପୁରୀ ଅଫିସ,୧।୧**

ନୂଆବର୍ଷର ପ୍ରଥମ ଦିନରେ ଶୁକ୍ରବାର ପୁରୀରେ ବିଶେଷ ଗହଳି ପରିଲକ୍ଷିତ ହୋଇନାହିଁ। ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ଥିବାରୁ ଭକ୍ତମାନେ ବଡଦାଣ୍ଡରେ ପତିତପାବନଙ୍କ ଦର୍ଶନ କରି ଫେରିଛନ୍ତି। ଶନିବାର ମଧ୍ୟ ଦର୍ଶନ ବନ୍ଦ ରହିବ। ୩ତାରିଖଠାରୁ ସାର୍ବଜନୀନ ଦର୍ଶନ ଆରମ୍ଭ ହେବ। ତେଣୁ ପ୍ରବଳ ଗହଳି ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ସୂଚନା ଦେଇ କହିଛନ୍ତି, ପ୍ରସ୍ତୁତି ପ୍ରାୟତଃ ଶେଷ ହୋଇଛି। ଆସନ୍ତା ୩ତାରିଖରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ସେବାୟତମାନଙ୍କ ସୁରକ୍ଷା ଏକାନ୍ତ ଆବଶ୍ୟକ। ଏହି ଦୃଷ୍ଟିରୁ ସମସ୍ତ ଶ୍ରଦ୍ଧାଳୁଙ୍କୁ କୋଭିଡ୍ ନେଗେଟିଭ୍ ରିପୋର୍ଟ ଆଣିବାକୁ ପଡ଼ିବ। ପ୍ରଶାସନ ୧୫ରୁ ୧୭ ହଜାର ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ କରାଇବାକୁ ସମର୍ଥ। ତେଣୁ ଦିନକୁ ଅତି ବେଶୀରେ ୧୭ ହଜାର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଲାଗି ଅନୁମତି ମିଳିପାରେ। ଗହଳି କମ୍ ରହିଲେ ଫେବୃଆରୀରୁ ଦର୍ଶନ କଟକଣା କୋହଳ କରାଯିବା ପାଇଁ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷେ ଶୁକ୍ରବାର ଭୋର ୩ଟା ୧୫ମିନିଟରେ ଶ୍ରୀମନ୍ଦିର ଦ୍ୱାର ଖୋଲିଥିଲା। ମନ୍ଦିର ପ୍ରବେଶ ବନ୍ଦ ଥିବାରୁ ଲୋକେ ପତିତପାବନଙ୍କ ଦର୍ଶନ କରିଥିଲେ। ତେବେ ବିଶେଷ ଭିଡ଼ ନ ଥିବାରୁ ଯାତ୍ରୀକା ନିକଟ ପାର୍କିଂରେ ଚାରିଚକିଆ ଯାନ ରଖିବାର ଆବଶ୍ୟକତା ପଡ଼ି ନ ଥିଲା। ସେହିଭଳି ସମୁଦ୍ରକୂଳରେ କାଁ ଭାଁ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳିଥିଲା। ମାତ୍ର ବ୍ଲୁ ଫ୍ଲାଗ୍ ବିଚ୍‌ରେ ସ୍ଥାନୀୟ ଲୋକଙ୍କ ଗହଳି ହୋଇଥିଲା।

**୩ରୁ ଶ୍ରୀମନ୍ଦିରରେ ସାର୍ବଜନୀନ ଦର୍ଶନ ଆରମ୍ଭ**

## ପତିତପାବନ ଦର୍ଶନ କଲେ ଉନ୍ନୟନ କମିଶନର

**ପୁରୀ ଅଫିସ,୧।୧:**

ନୂତନ ଉନ୍ନୟନ କମିଶନର ପ୍ରଦୀପ ଜେନା ଶୁକ୍ରବାର ପୁରୀ ଗସ୍ତରେ ଆସି ପତିତପାବନଙ୍କ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ଥିବାରୁ ସେ ସିଂହଦ୍ୱାର ସମ୍ମୁଖରେ ପତିତପାବନଙ୍କ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ। ସେବାୟତମାନେ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରିଥିଲେ। ଏହି ଅବସରରେ ସେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ବିକାଶମୂଳକ କାର୍ଯ୍ୟର ସଫଳ ରୂପାୟନ ଲାଗି ସମସ୍ତଙ୍କ ସହଯୋଗ କାମନ କରିଥିଲେ।

## ବୃଦ୍ଧାବୃଦ୍ଧଙ୍କୁ ସମ୍ମାନିତ କରି ନୂଆବର୍ଷ ପାଳନ

**ନିମାପଡ଼ା,୧।୧(ଡି.ଏନ୍.ଏ.)**

ନୁଆରକରି ଗ୍ରାମବାସୀ ଠାକୁରାଣୀ ମା' ସାଥୀ ଭଉଣୀଙ୍କ ପୀଠରେ ପୂଜାର୍ଚ୍ଚନା କରି ନବବର୍ଷ ପାଳିଥିଲେ। ଏଥିସହ ଗ୍ରାମର ୨୫ଜଣ ବୃଦ୍ଧାବୃଦ୍ଧଙ୍କୁ ପୂଜ୍ୟପୂଜା ସମ୍ମାନିତ କରିଥିଲେ । ନୁଆରକରି ଗ୍ରାମ୍ୟ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଅଧ୍ୟାପକ ରବୀନ୍ଦ୍ରନାଥ ପାଢ଼ୀ, ଗ୍ରାମ୍ୟ କମିଟି ମୁରବି ଜଟକୃଷ୍ଣ ଜେନା, ବାସୁଦେବ ସାହୁ ରବୀନ୍ଦ୍ର ଜେନା, ଲକ୍ଷ୍ମୀଧର ଖୁଣ୍ଟିଆ, ପ୍ରମୋଦ ଜେନା, ଗଙ୍ଗାଧର ବରାଳ ଯୋଗ ଦେଇଥିଲେ ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠା ନିମନ୍ତେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ଶୁକ୍ରବାର ପୁରୀ ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି ।

## କୃଷି ଆଇନ ବାତିଲ ଦାବିରେ ଚାଷୀଙ୍କ ଶପଥ ପାଠ

**କୋଣାର୍କ,୧।୧(ଡି.ଏନ୍.ଏ.)**

କୋଣାର୍କ ଥାନାଠାରେ ଥିବା ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ସର୍ଗତ ଉପେନ୍ଦ୍ରନାଥ ମହାନ୍ତିଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଅଖିଳ ଭାରତ କୃଷକ ସମନ୍ୱୟ ସମିତି କୋଣାର୍କ ଶାଖା ଓ ସିପିଆଇ ଗୋପ ଜୋନାଲ କମିଟି ଆନୁକୂଲ୍ୟରେ ନୂତନ କୃଷି ଆଇନ ଓ ନୂତନ ବିଦ୍ୟୁତ୍ ବିଲ୍ ବାତିଲ ଦାବିରେ ଶପଥ ପାଠ କରାଯାଇଥିଲା। କୃଷକନେତା ମନୋରଞ୍ଜନ ପରିଡାଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ କୃଷି ଆଇନ ଓ ନୂତନ ବିଦ୍ୟୁତବିଲ ବାତିଲ ଦାବିରେ ଦିଲ୍ଲୀସ୍ଥିତ ଧାରଣାରତ ଚାଷୀ ଆନ୍ଦୋଳନକୁ ସମର୍ଥନ କରି ସ୍ଥାନୀୟ ଚାଷୀମାନେ ପ୍ରଥମେ ଏକ ଶୋଭାଯାତ୍ରରେ ବାହାରି ଗ୍ରାମ, ଅଞ୍ଚଳ ବୁଲିଥିଲେ। କାର୍ଯ୍ୟକ୍ରମରେ କୋଣାର୍କ ନଗର କଂଗ୍ରେସର ପୂର୍ବତନସଭାପତି ଭରତଚନ୍ଦ୍ର ପାଢୀ, ସିପିଆଇ ଗୋପ ଜୋନ ସମ୍ପାଦକ ବ୍ରହ୍ମାନନ୍ଦ ଦାସ, ହରିହର ବାହିନୀପତି, ନବଘନ ମୁଦୁଲି, ଭାଲୁ ପ୍ରଧାନ, ଭାବଗ୍ରାହୀ ମାଝୀ, ସମୀର ନାୟକ, ରବୀନ୍ଦ୍ର ବିଶ୍ୱାଳ, ନକୁଳ ନାୟକ ଓ ରାଜକିଶୋର ପ୍ରଧାନଙ୍କ ସମେତ ପଚାଶରୁ ଊର୍ଦ୍ଧ୍ୱ ସିପିଆଇ ଓ କଂଗ୍ରେସ କର୍ମୀ ଯୋଗଦେଇ ନୂଆ କୃଷି ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ।

## ଫ୍ଲାଇଙ୍ଗ ଡଲଫିନ୍, ହ୍ୱାଇଟ୍ ଇଗଲ ବିଜୟୀ

**ଡେଲାଙ୍ଗ,୧।୧(ଡି.ଏନ୍.ଏ.)**

କଲ୍ୟାଣପୁର ପଞ୍ଚାୟତ ପ୍ରିମିୟମ ଲିଗର ପ୍ରଥମ ମ୍ୟାଚ ଶୁକ୍ରବାର ଫ୍ଲାଇଙ୍ଗ ଡଲଫିନ ଓ ବୁଲ ରାଇଡର ମଧ୍ୟରେ ହୋଇଥିଲା। ଫ୍ଲାଇଙ୍ଗ ଡଲଫିନ ୧୪୧ ରନ ଓ ବୁଲ ରାଇଡର ୯୯ ରନ କରିଥିଲା। ଫ୍ଲାଇଙ୍ଗ ଡଲଫିନ ୩ ଉଇକେଟରେ ଜିତିଥିଲା। ଦ୍ୱିତୀୟ ମ୍ୟାଚରେ ହ୍ୱାଇଟ ଇଗଲ ୧୩୬ ଓ ରୟାଲ ଟାଇଗର ୮୭ ରନ କରିଥିଲା। ହ୍ୱାଇଟ ଇଗଲ ୩ ଉଇକେଟରେ ଜିତିଥିଲା। ଶରତ ପ୍ରଧାନ ଓ ମଧୁସୂଦନ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ।

## ସଭାପତି ଯୁଧିଷ୍ଠିର, ସମ୍ପାଦକ ଦୀପ୍ତିରଞ୍ଜନ

**କାକଟପୁର,୧।୧(ଡି.ଏନ୍.ଏ.)**

**ଅମିନ ସଂଘ କମିଟି ଗଠିତ**

କାକଟପୁରର ମା' ମଙ୍ଗଳା ପୂର୍ବାଞ୍ଚଳ ଅମିନ ସଂଘର ନୂଆବର୍ଷ ପାଳନ ଅବସରରେ ଶ୍ରୀ ଶ୍ରୀ ଆଖଣ୍ଡଳମଣୀଙ୍କ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ କିସମର ଜମିବାଡ଼ି ମାପଚୁପ ବେଳେ ସ୍ୱଚ୍ଛତା ରକ୍ଷା କରିବାକୁ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ଶପଥ ଗ୍ରହଣ କରିଛନ୍ତି। ଏଥିରେ ବରିଷ୍ଠ ଅମିନ ଯୁଧିଷ୍ଠିର ନାୟକ ଅଧ୍ୟକ୍ଷତା କରିଥିବାବେଳେ ନିଷ୍ଠାପର ସହ କାର୍ଯ୍ୟ କରିବାକୁ ଉପସ୍ଥିତ ଯୁବ ଅମିନମାନଙ୍କୁ ଉପଦେଶ ଦେଇଥିଲେ। ବୈଠକ ଶେଷରେ ସଂଘର ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ଉପଦେଷ୍ଟା ଭାବେ ଗନ୍ଧର୍ବ ବିଶ୍ୱାଳ, ସଭାପତି ଯୁଧିଷ୍ଠିର ନାୟକ, ଉପସଭାପତି ପ୍ରସନ୍ନ କୁମାର ଖୁଣ୍ଟିଆ, ସମ୍ପାଦକ ଦୀପ୍ତିରଞ୍ଜନ ପରିଡ଼ା , ସହ ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଢୀ, ସଭ୍ୟ ଭାବେ ଭ୍ରମରବର ମୁଦୁଲି, ବାବାଜୀ ଚରଣ ବିଶ୍ୱାଳ, ଅଲେଖ ଚନ୍ଦ୍ର ସ୍ୱାଇଁ, ଭଗବାନ ପାତ୍ର , ତ୍ରିନାଥ ଦଳାଇଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଶେଷରେ ଯୁବ ଅମିନ ଯୁଧିଷ୍ଠିର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

- ଚିକିତ୍ସାରେ ଅବହେଳା ଅଭିଯୋଗ
- ମୃତଦେହ ରଖି ପରିବାର ଲୋକଙ୍କ ଧାରଣା

**ପୁରୀ ଅଫିସ,୧।୧**

ପୁରୀସ୍ଥିତ ଯକ୍ଷ୍ମା ଓ ସଂକ୍ରାମକ ରୋଗ ଚିକିତ୍ସାଳୟ (ଟିବି ଆଣ୍ଡ୍ ଆଇଡିଏଚ୍)ରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ରାତିତମାମ୍ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଥିଲେ ବି ତାଙ୍କ ଚିକିତ୍ସା କରିବା ପାଇଁ କେହି ଆସି ନ ଥିଲେ ବୋଲି ମୃତକ ଦେବନ କୁମାର ସାମନ୍ତରାୟଙ୍କ ସ୍ତ୍ରୀ ବୀଣାପାଣି ସାମନ୍ତରାୟ ଅଭିଯୋଗ କରିଛନ୍ତି। ବୀଣାପାଣି କହିଛନ୍ତି ଯେ, ଗୁରୁବାର ରାତିରେ ସ୍ୱାମୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ଏହି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାତି ୯ଟାରେ ଶେଷ ଥର ପାଇଁ ଡାକ୍ତର ତାଙ୍କ ପାଖକୁ ଆସିଥିଲେ। ଏହାପରଠୁ ଶୁକ୍ରବାର ସକାଳ ୭ଟା ପର୍ଯ୍ୟନ୍ତ ଡାକ୍ତର କିମ୍ବା ନର୍ସ କାହାରି ଦେଖା ମିଳି ନ ଥିଲା। ଅନ୍ୟ କର୍ମଚାରୀଙ୍କୁ ଏ ନେଇ ଜଣାଇଥିଲେ ବି ନିରାଶ ହେବାକୁ ପଡ଼ିଥିଲା। ତେବେ ସକାଳ ୭ଟା ପରେ ଡାକ୍ତର ଆସି ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପୂର୍ବରୁ ଦେବନଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ସେଠାରେ ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଥିଲା। ଜିଲା କଂଗ୍ରେସର ନେତାମାନେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରିଥିଲେ। ପରେ ସେମାନେ ମୃତଦେହ ରଖି ଧାରଣା ଦେଇଥିଲେ। ମୃତକଙ୍କ ପୁଅ ପାଇଁ ଏକ ସରକାରୀ ଚାକିରି ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଏ ନେଇ ବିଚାର କରାଯିବ ବୋଲି ତହସିଲଦାର କହିଛନ୍ତି। ସେହିପରି ପୁରୀ ସିଟି ଡିଏସ୍‌ପି ଓ କୁମ୍ଭାରପଡ଼ା ଥାନା ଆଇଆଇସି ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପୁରୀ ତହସିଲଦାର ପହଞ୍ଚି ବୀଣାପାଣିଙ୍କୁ ଶୁଦ୍ଧିକ୍ରିୟା ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, କୁମ୍ଭାରପଡ଼ା ଥାନାରେ ଏ ନେଇ ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ କେବେ ସରିବ ଏବଂ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।



ଉତ୍ତ୍ୟକ୍ତ ଲୋକଙ୍କୁ ତହସିଲଦାର ଏବଂ ପୋଲିସ ବୁଝାଶୁଝା କରୁଛନ୍ତି ।

## ବଡ଼ଦାଣ୍ଡରେ ସଫେଇ, ଶପଥ ପାଠ

**ପୁରୀ ଅଫିସ,୧।୧:**

ବଡଦାଣ୍ଡକୁ ଶୁକ୍ରବାର ସଫେଇ କରାଯାଇଛି। ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର କାର୍ଯ୍ୟାଳୟ, ମରିଚିକୋଟ୍ ଛକ, ମାର୍କେଟ ଛକ ଓ ଡାକ୍ତରଖାନା ଛକ ଭଳି ଅନେକ ସ୍ଥାନରେ ସଫେଇ କରାଯାଇଛି। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତାର ଆବଶ୍ୟକତା ଉପରେ ଆଲୋକପାତ କରିଛନ୍ତି। ସହରକୁ ସ୍ୱଚ୍ଛ ରଖିବା ପାଇଁ ଶପଥ ପାଠ କରାଯାଇଥିଲା। ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ସଫେଇ କର୍ମଚାରୀ, ବ୍ୟବସାୟୀ, ଉଠାଦୋକାନୀ, ଅଧିକାରୀ ଓ ଉପସ୍ଥିତ ଜନସାଧାରଣଙ୍କୁ ଶପଥ ପାଠ କରାଇଛନ୍ତି। ଜିଲାପାଳ ବଲୱନ୍ତ ସିଂ ସଫେଇ କର୍ମଚାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସଫେଇ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତନୁକୁମାର ଦାଶ, ପୌରସଂସ୍ଥା ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ସ୍ମୃତିସଭା



'ମୁକ୍ତିର ନବଦିଗନ୍ତ' ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

**ନିମାପଡ଼ା,୧।୧(ଡି.ଏନ୍.ଏ.)**

ଓଡ଼ିଶାର ସାମ୍ୟବାଦୀ ନେତା ତଥା ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ସ୍ୱର୍ଗତ ମୋହନ ଦାସଙ୍କ ୨୬ତମ ଶ୍ରଦ୍ଧାଞ୍ଜଳି ସମାରୋହ ଶୁକ୍ରବାର ନିମାପଡ଼ା ବ୍ଲକ ଅଫିସ ସଭାଗୃହରେ ପାଳିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଅଧ୍ୟକ୍ଷତା କରି ଅନ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଜନାର୍ଦ୍ଦନ ପତି, ଯୁଧିଷ୍ଠିର ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ବିଡିଓ ମନୋଜ ବେହେରା, ମୋହନ ଦାସ ସ୍ମୃତି କମିଟି ସମ୍ପାଦକ ସନ୍ତୋଷ ଦାଶ, ଶିକ୍ଷାବିତ ଯୋଗେନ୍ଦ୍ର ମିଶ୍ର, ଶହୀଦ ସ୍ମୃତି ସଂସଦ ସମ୍ପାଦକ ବେଣୁଧର ସେନାପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନେତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ମୋହନ ଦାସଙ୍କ ଜୀବନୀ ପୁସ୍ତକ ଡ.ବେଣୁଧର ସେନାପତିଙ୍କ ରଚିତ 'ମୁକ୍ତିର ନବଦିଗନ୍ତ'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଏହି ପୁସ୍ତିକାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଉନ୍ମୋଚିତ କରିଥିଲେ। ଏଥିରେ ବହୁ ଶିକ୍ଷକ, ଅଧ୍ୟାପକ, ବୁଦ୍ଧିଜୀବୀ, ସାମାଜିକ କର୍ମୀମାନେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ନିମାପଡ଼ା ଯୁବ ବିକାଶ ପରିଷଦ ପକ୍ଷରୁ ଦୋଳବେଦି ଛକଠାରେ ମୋହନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସଂଘମିତ୍ରା



@ ବିଶ୍ୱରଞ୍ଜନ



@ ସ୍ମୃତିଶୋଭନ



@ ଚିନ୍ତାମଣି



@ ସାଜିଦ୍



@ ରାଜଲକ୍ଷ୍ମୀ



@ ବିଜୟଲକ୍ଷ୍ମୀ



@ ଗୁପ୍ତରଞ୍ଜନ

URGENTLY REQUIRED 23NOS CANDIDATES
ଓଡିଶା ଶିଳ୍ପାଞ୍ଚଳ ଢେଙ୍କାନାଳ, ଅନୁଗୁଳ, କଟକ, ରାୟଗଡା,ଟିଟିଲାଗଡ, ପାରାଦ୍ୱୀପ ଝାରସୁଗୁଡା ପାଇଁ ତୁରନ୍ତ ପ୍ରାର୍ଥୀ ଆବଶ୍ୟକ
Qualification: 9th/10th to B.Tech
Salary : Rs 9,380/- to Rs 74,800/-
Email your CV to : starrichplants12@gmail.com
WhatsApp : 8984171871

Required Home Loan Sales Officer for Bhubaneswar & Cuttack Maruti Associate, Bhubaneswar (An authorised DSA for Home & Mortgage Loan) (Minimum 1 year experience in relevant field should only send resume in maruti.associate8080@gmail.com).
Mob. No.-7846907309
Lan. No.-0674-2386045

Required
VCI- Urgent openings:
Fresher & Experienced,
Male & Female can apply.
Salary package:
40,000 upto Rs 70,000/- per Months
Qualifications:
12th on words upto graduations.
Sarika: 8298908593
Zoya : 9534426993

Required for an ISO 9001:2015 Certified Organisation in the field of Service & Repair of Turbochargers
Headquarters at Mumbai with workshops at Vizag, Singapore, Bangladesh & Dubai, UAE.
❖ Trainee Diploma Engineers (Diploma in Mechanical/Industrial Engineering)
❖ Trainee Technicians (ITI- Fitter, Turner & Welder)
❖ Trainee Marketing Executives (Good communication skills with English speaking)
Maximum 1 year experience and freshers also can apply. Please send your complete resume with all details by January 2021 to below mentioned address or email id.
DALWIN MARINE
R-307, Rabale, TTC Industrial Area, MIDC, Navi Mumbai - 400701
E-mail: dalwin@dalwin.com, Mob: +91-9820044878
Online interviews will be conducted for only shortlisted candidates.
Remuneration and perks are attractive in the industry.

SAMALESWARI REGIONAL CO-OP. MILK PRODUCERS' UNION LTD.
SAKHIPARA, SARLA CANAL ROAD, SAMBALPUR- 768006
Tel. No. 0663-2548590, Fax No.- 0663-2548520
TENDER NOTICE
Tender Notice floated for Engagement of Security Agency for deployment of Security Guard at various Units of this Milk Union- 11 Nos., Detail Tender documents can be purchased from Milk Union office or download from our website www.samul.in From 01.01.2021 onward. Last date of submission is 15th January' 2021 by 3.00 P.M. The cost of Tender Paper- Rs. 6,720/- (including GST) Sd/- General Manager

# ବରୁଣେଇ ପୀଠରେ ମିଳୁନି ମୌଳିକ ସୁବିଧା

**ଖୋର୍ଦ୍ଧା ଅଫିସ, ୧୧**

ଖୋର୍ଦ୍ଧା ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେଉଛି ବରୁଣେଇ ପୀଠ। ଶୀତଋତୁ ଆସିଗଲେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମେ। ପର୍ଯ୍ୟଟକମାନେ ମା' ବରୁଣେଇ ଓ କରୁଣେଇଙ୍କ ଦର୍ଶନ ସହ ପାହାଡ଼ ଉପରେ ବୁଲି ପ୍ରାକୃତିକ ପରିବେଶ ଉପଭୋଗ କରନ୍ତି। ସେହିପରି ବଣଭୋଜିର ଆୟୋଜନ ମଧ୍ୟ କରିଥାନ୍ତି। ଏଠାରେ ବଣଭୋଜି ପାଇଁ ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସୁବିଧା କରାଯାଇଛି। ବର୍ତ୍ତମାନ କୋଭିଡ୍ କଟକଣା କୋହଳ ପରେ ବରୁଣେଇ ପୀଠ ଖୋଲିଲାଣି। ଧୀରେ ଧୀରେ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ ଆରମ୍ଭ ହେଲାଣି। ତେବେ ଏହି ପୀଠରେ କେତେକ ସମସ୍ୟା ଦୂର ହୋଇପାରିନାହିଁ। ପାନୀୟଜଳ ଟ୍ୟାପ୍ ଅଚଳ ହୋଇପଡ଼ିଥିବାବେଳେ ବରୁଣେଇ ମନ୍ଦିରକୁ ଯିବା ଲାଗି ଉଦ୍ଦିଷ୍ଟ ପାହାଚ ଫାଟି ଆଁ କରିଛି। ପାହାଚରେ ଗଛ ଭାଙ୍ଗି କାଠଗଣ୍ଡି ପଡ଼ିରହିଛି। ବରୁଣେଇରୁ ଜଳସ୍ରୋତ ବୋହି ଆସି ରାସ୍ତାରେ ଜମି ଶିଉଳି ଲାଗିଛି। ଫଳରେ ପର୍ଯ୍ୟଟକମାନେ ପୀଠକୁ ଯାତାୟାତ ଲାଗି ହଇରାଣ ହେଉଛନ୍ତି।

## ପାଣି ଟ୍ୟାପ୍ ଅଚଳ, ମନ୍ଦିର ପାହାଚ ଫାଟି ଆଁ





ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଶୀର୍ଷତା ହାସଲ ଲାଗି ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ଅଭିଯାନ ଚାଲିଛି। ତେବେ ଏହି ପୀଠର ସ୍ୱଚ୍ଛତା ପ୍ରତି ପୌର ପ୍ରଶାସନ ବିଶେଷ ଧ୍ୟାନ ଦେଉ ନ ଥିବା ମନେହେଉଛି। କାରଣ ଏଠାକାର ସ୍ୱଚ୍ଛତା ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। ସମ୍ପୃକ୍ତ ସଂସ୍ଥା ଠିକ୍ ଭାବେ ଦାୟିତ୍ୱ ତୁଲାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଫଳରେ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଭୁବନେଶ୍ୱରରୁ ଏଠାକୁ ବୁଲି ଆସିଥିବା ଗଗନ ଦାସ କହିଛନ୍ତି, ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଯାତାୟାତ ବେଳେ ପର୍ଯ୍ୟଟକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି କରୋନା କଟକଣା ଯୋଗୁ ଏହି ପୀଠ ଦୀର୍ଘ ୯ ମାସ ଧରି ବନ୍ଦ ରହିଥିଲା। ଫଳରେ ଉକ୍ତ ସ୍ଥାନ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବନ ବିଭାଗର ନିଷ୍କ୍ରିୟତା ଯୋଗୁ ବରୁଣେଇ ପାହାଡ଼ ପଦା ହେବାରେ ଲାଗିଛି। ଦୈନିକ ପ୍ରାୟ ଲକ୍ଷାଧିକ ଟଙ୍କାର କାଠ ଚୋରା ଚାଲାଣ ହେଉଛି। କରୋନା ସମୟରେ କୋଟିଏରୁ ଊର୍ଦ୍ଧ୍ୱ ମୂଲ୍ୟର କାଠ ଚୋରି ହୋଇଥିବା ଜଣାପଡ଼ିଛି। ଗୋଟିଏ ପଟେ ପର୍ଯ୍ୟଟକଙ୍କୁ ମୌଳିକ ସୁବିଧା ମିଳୁ ନ ଥିବା ବେଳେ ଅନ୍ୟପଟେ ଏହାର ମନୋରମ ପ୍ରାକୃତିକ ପରିବେଶ ନଷ୍ଟ ହେବାରେ ଲାଗିଛି। ପର୍ଯ୍ୟଟନ ବିଭାଗ କେବଳ ନାମଫଳକ ଟାଙ୍ଗିଦେଇ କାମ ସାରିଦେଇଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା ନିଜର ଗୌରବ ହରାଇବାକୁ ବସିଛି। ଏ ନେଇ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀଙ୍କୁ ପଚରିବାରେ କହିଛନ୍ତି, କରୋନା ଲାଗି ଏହି ସ୍ଥାନକୁ ପର୍ଯ୍ୟଟକଙ୍କ ବାରଣ ରହିଥିଲା। ଏବେ ଖୋଲିବାକୁ ଯାଉଥିବାରୁ ଭିତ୍ତିଭୂମି ସଜାଡ଼ିବା ଉପରେ ଗୁରୁତ୍ୱ ଦିଆଯିବ।

## ସଂକ୍ଷେପରେ

### ବିପଦରେ ବିଦେଶାଗତ ପକ୍ଷୀ

**ଖୋର୍ଦ୍ଧା ଅଫିସ,୧୧:** ନିଳାମ୍ବୁ ଚିଲିକାରେ ଏବେ ବିଦେଶାଗତ ପକ୍ଷୀଙ୍କ ସମାଗମ ବୃଦ୍ଧି ପାଇବାରେ ଲାଗିଛି। ଉପଯୁକ୍ତ ଜଳବାୟୁ ଏବଂ ଖାଦ୍ୟ ଅନ୍ୱେଷଣରେ ଆସୁଥିବା ଏହି ପକ୍ଷୀମାନେ ଦଳବଦ୍ଧ ଭାବେ ବିଚରଣ କରି ସୌନ୍ଦର୍ଯ୍ୟ ବଢ଼ାଇବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାନ୍ତି। ଚିଲିକାରେ ଏମାନଙ୍କ ଜଳକ୍ରୀଡ଼ାର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ପକ୍ଷୀ ଅଭୟାରଣ୍ୟ ନଳବଣ, ବଡ଼ଗୋଠ, ସାତପଡ଼ା, ମଙ୍ଗଳାଯୋଡି, ଭୁଷଣ୍ଡପୁର, ନଇରୀ ଅଞ୍ଚଳରେ ବିଦେଶାଗତ ପକ୍ଷୀମାନେ ଦଳବଦ୍ଧ ହୋଇ ବିଚରଣ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୮୦ରୁ ୧୦୦ପ୍ରଜାତିର ପ୍ରାୟ ୮ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଜଣାପଡିଛି। କରୋନା କଟକଣା ଯୋଗୁ ଏଠାକୁ କମ୍ ସଂଖ୍ୟକ ପର୍ଯ୍ୟଟକ ଆସୁଥିବା ଜଣାପଡ଼ିଛି। ଅନ୍ୟପଟେ ବ୍ରହ୍ମଗିରି, କୃଷ୍ଣପ୍ରସାଦ ଏବଂ ଟାଙ୍ଗୀ ବନାଞ୍ଚଳ ଅଧୀନ ମଙ୍ଗଳାଯୋଡି, ଭୁଷଣ୍ଡପୁର ଆଦି ଚିଲିକା କୂଳବର୍ତ୍ତି ଅଞ୍ଚଳରେ ପକ୍ଷୀ ଶିକାର ବୃଦ୍ଧି ପାଇଛି। ପିଲାଠାରୁ ଯୁବକ ପର୍ଯ୍ୟନ୍ତ ଫାଶ ବସାଇ ପକ୍ଷୀ ଶିକାର କରୁଛନ୍ତି। ଏହି ପକ୍ଷୀଙ୍କୁ ଅଧିକ ମୂଲ୍ୟରେ ହୋଟେଲମାନଙ୍କରେ ବିକ୍ରି କରାଯାଉଛି। ନୂଆବର୍ଷରେ ଶତାଧିକ ପକ୍ଷୀ ଶିକାର ହୋଇଥିବା ସୂତ୍ରରୁ ଜଣାପଡ଼ିଛି। ବନବିଭାଗର ଅବହେଳା ଯୋଗୁ ବିଦେଶାଗତ ପକ୍ଷୀଙ୍କ ଶିକାର ବୃଦ୍ଧି ପାଉଛି ବୋଲି ପରିବେଶବିତମାନେ କହିଛନ୍ତି। ଏଥିପ୍ରତି ବନ ବିଭାଗର ଅଧିକାରୀମାନେ କଡ଼ା ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି। ତେବେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

**ବେଗୁନିଆ,୧୧(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମର ବିଶ୍ୱନାଥ ମାର୍ଥା। ସେ ଗ୍ରାମ ଶ୍ମଶାନରେ ବିଭିନ୍ନ ଫୁଲ, ଔଷଧୀୟ ଗଛ ଲଗାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ଶୁକ୍ରବାର ଡିଙ୍ଗରସାହିଠାରେ ଅନୁଷ୍ଠିତ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ମତପ୍ରକାଶ ପାଇଛି। ଏଥିରେ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଡ. ଗଣେଶ୍ୱର ସ୍ୱାଇଁ, ମୁଖ୍ୟ ବକ୍ତା ସରପଞ୍ଚ ଶିବ ପ୍ରସାଦ ଦାସ, ସମ୍ମାନିତ ବକ୍ତା ଶିକ୍ଷକ ଅଖିଳେଶ ମହାପାତ୍ର, ନିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱନାଥ ଆଦିବାସୀ ପିଲାଙ୍କୁ ପାଠ ପଢାଇ ଭଲ ମଣିଷ କରି ଗଢ଼ି ତୋଳିବାକୁ ସଙ୍କଳ୍ପ ନେଇଛନ୍ତି।

# ହାତଗୁଞ୍ଜା ନ ଦେଲେ ଘୁଞ୍ଚୁନି ଫାଇଲ

**ଖୋର୍ଦ୍ଧା ଅଫିସ,୧୧**

- ଜଟଣୀ ତହସିଲରେ ଚାଲିଛି ଦଲାଲଙ୍କ ରାଜ୍
- ସିଧାସଳଖ ଆସିଲେ, ଆଳ ଦେଖାଉଛନ୍ତି କର୍ମଚାରୀ

ସରକାରୀ କାର୍ଯ୍ୟାଳୟରେ ପିସି କାରବାର ରୋକିବାକୁ ସରକାର ଗୁରୁତ୍ୱାରୋପ କରୁଛନ୍ତି। ତେବେ ସରକାରୀ କାର୍ଯ୍ୟାଳୟରେ ହାତ ଗୁଞ୍ଜା ନ ଦେଲେ ଫାଇଲ ଗୋଟିଏ ଟେବୁଲରୁ ଅନ୍ୟ ଏକ ଟେବୁଲକୁ ଘୁଞ୍ଚୁନି। ବିଶେଷତଃ ତହସିଲ ଏବଂ ସବ ରେଜିଷ୍ଟ୍ରାର ଅଫିସରେ ଦଲାଲଙ୍କ ରାଜ ଚାଲିଛି। ଖୋର୍ଦ୍ଧା ଜିଲା ଜଟଣୀ ତହସିଲରେ ଦେଖିବାକୁ ମିଳିଛି। କୌଣସି କାମରେ ତହସିଲକୁ ଆସୁଥିବା ଲୋକେ ନାହିଁ ନ ଥିବା ହଇରାଣ ହେଉଥିବା କେତେଜଣ ସ୍ଥାନୀୟ ଲୋକେ କହିଛନ୍ତି। ଜମିପଟ୍ଟା ପାଇବା ଲାଗି ଲୋକେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡୁଛନ୍ତି। ତହସିଲ ଭିତରେ ଦଲାଲଙ୍କ ରାଜୁତି ଚାଲିଛି। ଦଲାଲଙ୍କ ଜରିଆରେ ଆସୁଥିବା ଲୋକଙ୍କ କାର୍ଯ୍ୟ ହେଉଥିବା ବେଳେ କୌଣସି ପ୍ରମାଣପତ୍ର ପାଇବା ଲାଗି ଆବେଦନ କରୁଥିବା ଲୋକଙ୍କୁ ବିଭିନ୍ନ ଆଳ ଦେଖାଇ କର୍ମଚାରୀ ଫେରାଇ ଦେଉଛନ୍ତି। ତଳୁ ଉପର ପର୍ଯ୍ୟନ୍ତ ଚାଲିଛି ଲାଞ୍ଚ କାରବାର। ଜମିପଟ୍ଟା ପାଇବା ଲାଗି ଜଣଙ୍କଠାରୁ ୨ରୁ ୫ହଜାର ଟଙ୍କା ଆଦାୟ କରାଯାଉଛି। ଟଙ୍କା ନ ଦେଲେ ଏଠାରେ କୌଣସି ସେବା ମିଳୁନି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏନେଇ ତହସିଲଦାର ତପନ ମହାପାତ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପଟେ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି, ଗଣମାଧ୍ୟମରୁ ଏଭଳି ଖବର ପାଇଛି। ଘଟଣାର ତଦନ୍ତ କରାଯିବ। ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ରକ୍ତଦାନ କଲେ ୧୦ ଡାକ୍ତର

**ଖୋର୍ଦ୍ଧା ଅଫିସ,୧୧:** ଖୋର୍ଦ୍ଧାରେ ଓମସା ପରିବାର ପକ୍ଷରୁ ଶୁକ୍ରବାର ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତରମାନେ ରକ୍ତଦାନ କରିଥିଲେ। ଶିବିରରେ ରକ୍ତଭଣ୍ଡାରର ମୁଖ୍ୟ ଡା.ରଘୁନାଥ ନାୟକ, ଡା.ସରୋଜ ନାୟକ, ଡା.ହରପ୍ରସନ୍ନ ତ୍ରିପାଠୀ, ଡା. ଆଲୋକ ଜ୍ୟୋତି ସାହୁ, ଡା.ସ୍ୱରୂପ ରଞ୍ଜନ ସାହୁ ଓ ତାଙ୍କ ସ୍ତ୍ରୀଙ୍କ ସମେତ ୧୦ଜଣ ରକ୍ତଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ପତି ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା.ଦ୍ୱାରିକାନାଥ ଶତପଥୀ ଉପସ୍ଥିତ ଥିଲେ।




# ଭଲିବଲ୍ ଟୁର୍ନାମେଣ୍ଟ: ସ୍ମାର୍ଟ ବୟ ଟିମ୍ ଚାମ୍ପିୟନ

**ନିରାକାରପୁର,୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶିପୁର ବଡ଼ପାଟଣା ଖେଳ ପଡିଆଠାରେ ସୀତାରାମ ଯୁବ ପରିଷଦ ଆନୁକୂଲ୍ୟରେ ଚାଲିଥିବା ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟରେ ସ୍ମାର୍ଟ ବୟ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ସାଇନିଂ ଷ୍ଟାରକୁ ୨୪-୨୨ ତଥା ୨ ପଏଣ୍ଟରେ ହରାଇ ସ୍ମାର୍ଟବୟ ଟିମ୍ ଚାମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଖୋର୍ଦ୍ଧା ବରିଷ୍ଠ ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ, ଆଇନଜୀବୀ ମଳୟ ରଞ୍ଜନ ମହାପାତ୍ର, ସାମାଜିକ କର୍ମୀ ନୃସିଂହ ଦଳେଇ, ଅରକ୍ଷିତ ଦଳେଇ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅଫ ଟିମ୍‌କୁ ଟ୍ରଫି ସହ ଟଙ୍କା ପ୍ରଦାନ କରିଥିଲେ। ପ୍ରମୋଦ କୁମାର ଦାସ ଏବଂ ନବକିଶୋର ବରାଳ ମ୍ୟାଚ ପରିଚାଳନା କରିଥିଲେ। ଆଲୋକ ଦଳେଇ, ରାଜୁ ଦଳେଇ, ଦୁର୍ଗାମାଧବ ବିଶ୍ୱାଳ, ରାକେଶ ପରିଡା ପ୍ରମୁଖ ସହଯୋଗ କରିଥିଲେ।







# ଅବସର ନେଲେ ୭ ଦିନର ଅଧ୍ୟକ୍ଷା

**ଖୋର୍ଦ୍ଧା ଅଫିସ,୧୧:** ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୭ଦିନ ଲାଗି ଅଧ୍ୟକ୍ଷା ଭାବେ ଯୋଗଦେଇଥିବା ଡ.ବିଶ୍ୱମୋହିନୀ ମଙ୍ଗରାଜ ଡିସେମ୍ବର ୩୧ରେ ଅବସର ଗ୍ରହଣ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚ ଶିକ୍ଷା ବିଭାଗ ମଙ୍ଗରାଜଙ୍କୁ ସପ୍ତାହ ବ୍ୟାପୀ କଲେଜ ଅଧ୍ୟକ୍ଷା ଭାବେ ନିଯୁକ୍ତି ପ୍ରଦାନ ସହ ସମସ୍ତ କ୍ଷମତା ପ୍ରଦାନ କରିଥିଲେ। ମଙ୍ଗରାଜଙ୍କ ଦାୟିତ୍ୱଗ୍ରହଣ ସମ୍ପର୍କିତ ଖବର 'ଧରିତ୍ରୀ'ରେ ଡିସେମ୍ବର ୨୫ରେ ପ୍ରକାଶ ପାଇଥିଲା। ଦାୟିତ୍ୱ ଗ୍ରହଣ କରିବାର ଚାରିଦିନ ମଧ୍ୟରେ ମଙ୍ଗରାଜ ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଏସନ କାଉନସିଲ(ନାକ୍) ଏକ ସେମିନାର ଆୟୋଜନ କରିଥିଲେ। ଏହି ସେମିନାରରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, କଲେଜ ଡେଭଲପମେଣ୍ଟ କମିଟି ନିର୍ଦ୍ଦେଶକ ପ୍ରଫେସର ନିଗମାନନ୍ଦ ଦାସ, ନିର୍ଦ୍ଦେଶକ କ୍ୱାଲିଟି ଆଶେଷମେଣ୍ଟ ସେଲ ପ୍ରଫେସର ପ୍ରଭାତୀ ମହାପାତ୍ର ପ୍ରମୁଖ ଯୋଗଦେଇ କଲେଜର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ସେମିନାରରେ ବିଭିନ୍ନ ବିଭାଗୀୟ ମୁଖ୍ୟ, ଓ ଅଧ୍ୟାପକମାନେ ଯୋଗଦେଇଥିଲେ। ସ୍ୱଳ୍ପ ସମୟରେ କଲେଜର ଅଧ୍ୟାପକ, କର୍ମଚାରୀଙ୍କ ମଙ୍ଗରାଜ ହୃଦୟ ଜିଣିଛନ୍ତି।

ପ୍ରକାଶ ଯେ, ଉଚ୍ଚଶିକ୍ଷା ବିଭାଗ ରାଜନୀତି ବିଜ୍ଞାନ ମୁଖ୍ୟ ବିଶ୍ୱମୋହିନୀ ମଙ୍ଗରାଜଙ୍କୁ ବରିଷ୍ଠତା ଭିତ୍ତିରେ କଲେଜ ଅଧ୍ୟକ୍ଷା ଭାବେ ନିଯୁକ୍ତି ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଓ ପରିଚାଳନା କମିଟି ସଭାପତି ତଥା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ଅନୁମୋଦନକ୍ରମେ ଗତ ସେପ୍ଟେମ୍ବର ୨୮ତାରିଖରେ ବିଶ୍ୱମୋହିନୀ କାର୍ଯ୍ୟରେ ଯୋଗଦାନ କରିଥିଲେ। ଅପରପକ୍ଷରେ ଗତ ଜୁନ୍ ମାସରୁ କଲେଜ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ.ମନୋରଞ୍ଜନ ସେନାପତି ପଦବୀ ଛାଡ଼ି ନ ଥିଲେ। ମନୋରଞ୍ଜନ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମା ବିରୋଧରେ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଥିଲେ। ଉକ୍ତ ମାମଲାରେ ହାଇକୋର୍ଟ ଜାରି କରିଥିବା ସ୍ଥିତାବସ୍ଥା ବିଶ୍ୱମୋହିନୀଙ୍କ ସପକ୍ଷରେ ରହିଥିଲେ ସୁଦ୍ଧା ପରିଚାଳନା କମିଟି ସଭାପତି ପୁନର୍ବାର ସେନାପତିଙ୍କୁ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିଥିଲେ। ଏହାକୁ ବିରୋଧ କରି ବିଶ୍ୱମୋହିନୀ ପୁଣି ଥରେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଡିସେମ୍ବର ୨୧ତାରିଖରେ ହାଇକୋର୍ଟ ବିଚାରପତି ସଞ୍ଜୁ ପଣ୍ଡା ଏବଂ ଏସ୍.କେ. ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି ବିଶ୍ୱମୋହିନୀଙ୍କୁ କଲେଜ ଅଧ୍ୟକ୍ଷା ଭାବେ ତାଙ୍କ ଅବସର ସମୟ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

**ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ**

## ନୂତନ ଅଧ୍ୟକ୍ଷା ହେଲେ ରଞ୍ଜିତା ସେଠୀ

**ଖୋର୍ଦ୍ଧା ଅଫିସ,୧୧:** ବରିଷ୍ଠତା ଭିତ୍ତିରେ ଉଚ୍ଚ ଶିକ୍ଷା ବିଭାଗର ପତ୍ରାଙ୍କ ସଂଖ୍ୟା ୪୪୧୫୬/୩୧.୧୨.୨୦ ପ୍ରକାରେ ପିଏନ୍ କଲେଜର ପ୍ରାଣୀ ବିଜ୍ଞାନର ଡ.ରଞ୍ଜିତା ସେଠୀ ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତ ପାଇଛନ୍ତି। ଶୁକ୍ରବାର ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ଏବଂ ନୂତନ ଅଧ୍ୟକ୍ଷା ପରସ୍ପରକୁ ପୁଷ୍ପଗୁଚ୍ଛ ଦେଇ ପରସ୍ପରକୁ ସମ୍ବର୍ଦ୍ଧନା ଦେଇଥିଲେ। ବିଭିନ୍ନ ବିଭାଗୀୟ ପ୍ରାଧ୍ୟାପକ, ଅଧ୍ୟାପକ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ ଅଧ୍ୟକ୍ଷ ଭାବେ ୨୦୨୨ ଜୁଲାଇ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି ଜଣାପଡିଛି।













